## ସଂକ୍ଷେପରେ

### ଅଗ୍ନିକାଣ୍ଡରେ ୨ ବଖରା ଜଳିଗଲା

ବୁଗୁଡ଼ା,୧୮।୬(ଡି.ଏନ.ଏ.): ବୁଗୁଡ଼ା ବ୍ଲକ ଗୌଡ଼ିଆବୋରଦା ଗ୍ରାମରେ ମଙ୍ଗଳବାର ଅପରାହ୍ନ ପ୍ରାୟ ୨ଟାରେ ଅଗ୍ନିକାଣ୍ଡ ଘଟି ୨ବଖରା ପୋଡ଼ି ଯାଇଛି। ଶର୍ଟସର୍କିଟରୁ ନିଆଁ ଲାଗିବାପରେ ଏହା ବ୍ୟାପି ଗ୍ରାମର ସୁଲୋଚନା ସ୍ୱାଇଁ ଓ ତ୍ରିଲୋଚନ ପାତ୍ରଙ୍କ ଗୋଟିଏ ବଖରା ଲେଖାଏଁ ପୋଡି ଯାଇଥିଲା। ଏଥିରେ ଆସବାବପତ୍ର ଓ ଖାଦ୍ୟ ସାମଗ୍ରୀ ନଷ୍ଟ ହୋଇଯାଇଛି। ବୁଗୁଡ଼ା ଅଗ୍ନିଶମ ବିଭାଗ କର୍ମଚାରୀମାନେ ପହଞ୍ଚି ନିଆଁ ଲିଭାଇଥିଲେ।

### ସାଉଥ୍‌କୋ ନିର୍ବାହୀ ଯନ୍ତ୍ରୀଙ୍କୁ ଦାବିପତ୍ର

ଖଜୁରିପଡା,୧୮।୬(ଡି.ଏନ୍.ଏ.): ଖଜୁରିପଡା ବ୍ଲକ ସୁତ୍ରୁକୁମ୍ପା ପଞ୍ଚାୟତ ପାତିଆମ୍ବା ଗ୍ରାମବାସୀ ମଙ୍ଗଳବାର ଏକ ମିଥ୍ୟା ଖବର ବିରୋଧରେ ଫୁଲବାଣୀ ସାଉଥ୍‌କୋ ନିର୍ବାହୀ ଯନ୍ତ୍ରୀ ମନୋଜ କୁମାର ମହାନ୍ତିଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଦାବିପତ୍ର ପ୍ରଦାନ ପରେ ଗ୍ରାମବାସୀ ଗଣମାଧ୍ୟକୁ ସୂଚନା ଦେଇ କହିଛନ୍ତି, ମେ ୧୧ରେ ପାତିଆମ୍ବା ଗ୍ରାମର ବିଦ୍ୟୁତ୍ ଟ୍ରାନ୍ସଫର୍ମର ପୋଡି ଯାଇଥିଲା। ଏନେଇ ଗ୍ରାମବାସୀ ସାଉଥ୍‌କୋ ଫୁଲବାଣୀ ବିଦ୍ୟୁତ୍ ବିଭାଗ ଓ ଖଜୁରିପଡା ଯନ୍ତ୍ରୀଙ୍କୁ ଲିଖିତ ଭାବେ ସମସ୍ୟାର ସମାଧାନ ପାଇଁ ଜଣାଇଥିଲେ। ବିଭାଗ ପକ୍ଷରୁ ଯଥାଶୀଘ୍ର ଟ୍ରାନ୍ସଫର୍ମର ଦେବାକୁ ପ୍ରତିଶ୍ରୁତି ମଧ୍ୟ ମିଳିଥିଲା। ଇତିମଧ୍ୟରେ ଟ୍ରାନ୍ସଫର୍ମର ସ୍ଥାପନ ପାଇଁ ଯନ୍ତ୍ରୀ ୧୦ ହଜାର ଟଙ୍କା ଲାଞ୍ଚ ମାଗୁଥିବା ନେଇ ଏକ ମିଥ୍ୟା ଖବର ଗଣମାଧ୍ୟମରେ ପ୍ରକାଶ ପାଇଥିଲା। କେତେକ ଅସାମାଜିକ ବ୍ୟକ୍ତି ଏପରି ଷଡଯନ୍ତ୍ର କରିଥିବା ଗ୍ରାମବାସୀ ଜାଣିବା ପରେ ଏନେଇ ଯନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରି ଏଥିରେ ଗ୍ରାମବାସୀଙ୍କ ସମ୍ପୃକ୍ତି ନ ଥିବା ଅବଗତ କରାଇଛନ୍ତି।

### ନିଆରା ଢଙ୍ଗରେ ପିତୃଦିବସ ପାଳିତ

ଫୁଲବାଣୀ ଅଫିସ, ୧୮।୬: କନ୍ଧମାଳର ଅନନ୍ୟ ବାଳିକା ମହାସଂଘ ସଦସ୍ୟାମାନେ କ.ନୂଆଗାଁ ବ୍ଲକ୍‌ର ୧୧ ପଞ୍ଚାୟତର ବିଭିନ୍ନ ସ୍ଥାନରେ କିଶୋରୀମାନଙ୍କୁ ସାଥିରେ ନେଇ ରଜ ଉତ୍ସବ ସହ ପିତୃଦିବସ ପାଳନ କରିଛନ୍ତି। ପରସ୍ପରକୁ ପିଠା ଖୁଆଇବା, ସାଥୀ ହୋଇ ଦୋଳି ଖେଳିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। କିଶୋରୀମାନେ ମାତାପିତାଙ୍କର ପୂଜା କରି ଆଶୀର୍ବାଦ ଗ୍ରହଣ କରିଥିଲେ। ଲିଙ୍ଗ ଭେଦଭାବ ଶୂନ୍ୟ ଓ ବାଲ୍ୟ ବିବାହ ମୁକ୍ତ ସମାଜ ଗଠନ ସହିତ ବାଳିକାମାନଙ୍କୁ ସ୍ୱାବଲମ୍ବୀ କରିବା ଥିଲା ଏହି ଉତ୍ସବର ଅନ୍ୟତମ ଉଦ୍ଦେଶ୍ୟ। ଏହି ଅବସରରେ ବିଭିନ୍ନ ସ୍ଥାନରେ ଝୋଟି, ମେହେନ୍ଦୀ, ଶାଢ଼ୀ ପିନ୍ଧା, ମ୍ୟୁଜିକ୍ ଚେୟାର୍ ଭଳି ପ୍ରତିଯୋଗିତାର ଆୟୋଜନ କରାଯାଇଥିଲା। ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମରେ ବାଲ୍ୟ ବିବାହର କୁପରିଣାମ, ବାଳିକା ଶିକ୍ଷାର ଗୁରୁତ୍ୱ, ଯୌନ ପ୍ରଜନନ ସ୍ୱାସ୍ଥ୍ୟ ଅଧିକାର, ବାଳିକାମାନଙ୍କୁ ଆର୍ଥିକ କ୍ଷେତ୍ରରେ ସଶକ୍ତିକରଣ ଭଳି ବିଭିନ୍ନ ସନ୍ଦେସର ପ୍ରଚାର ଓ ପ୍ରସାର କରାଯାଇଥିଲା। ସାଂସ୍କୃତିକ କାର୍ଯ୍ୟକ୍ରମରେ ଉପସ୍ଥିତ ଜନସାଧାରଣ ବାଲ୍ୟ ବିବାହ ବିରୋଧରେ ନାରା ଦେବା ସହ ନିଜ ଗ୍ରାମ ଓ ପଞ୍ଚାୟତକୁ ଏଥିରୁ ମୁକ୍ତ କରିବା ପାଇଁ ଶପଥ ନେଇଥିଲେ। ହଜି ଯାଉଥିବା ପରମ୍ପରାକୁ ପୁନର୍ଜୀବିତ କରିବା ସ କନ୍ଧମାଳକୁ ବାଲ୍ୟବିବାହ ମୁକ୍ତ ପାଇଁ ଆମର ଚେଷ୍ଟା ଜାରୀ ରହିବ ବୋଲି ଅନନ୍ୟା ମହାସଂଘର ସଭାନେତ୍ରୀ ଝୁଲିମା ପ୍ରଧାନ କହିଥିଲେ। ଏହି ଉତ୍ସବରେ ସ୍ୱାତୀ କର୍ମୀମାନେ ସହଯୋଗ କରିଥିଲେ।

■ କ୍ଷତି ବଢ଼ିବା ପରେ ଚେତିଲା ପ୍ରଶାସନ

# ମାସକ ମଧ୍ୟରେ କର୍ମଚାରୀଙ୍କୁ ମିଳିବ ବକେୟା

ଭଞ୍ଜନଗର,୧୮।୬(ଡି.ଏନ.ଏ)

ଭଞ୍ଜନଗର ଓଏସ୍ଆର୍‌ଟିସି ଜୋନର ଅସ୍ଥାୟୀ କର୍ମଚାରୀମାନେ ବକେୟା ଦରମା ଦାବି ନେଇ ଗତ ମାସରୁ କାର୍ଯ୍ୟବନ୍ଦ ଆନ୍ଦୋଳନ ଚଳାଇଥିଲେ। ଜୋନ୍‌ର କ୍ଷତି ବଢ଼ିବା ପରେ ପ୍ରଶାସନ ଶେଷରେ ଚେତିଛି। କର୍ମଚାରୀଙ୍କ ଦାବି ବିଚାରକୁ ନିଆଯିବ ବୋଲି ଜିଲା ପ୍ରଶାସନ ପ୍ରତିଶ୍ରୁତି ମିଳିବା ପରେ ମଙ୍ଗଳବାର ରାତିରୁ କର୍ମଚାରୀମାନେ ଆନ୍ଦୋଳନରୁ ଓହରିଛନ୍ତି। ବୁଧବାର ସକାଳୁ କର୍ମଚାରୀମାନେ କାର୍ଯ୍ୟରେ ଯୋଗଦେବେ ବୋଲି ନିଷ୍ପତ୍ତି ନେଇଛନ୍ତି।

ଓଏସ୍ଆରଟିସି ଅସ୍ଥାୟୀ କର୍ମଚାରୀମାନେ କାର୍ଯ୍ୟବନ୍ଦ ଆନ୍ଦୋଳନ ଚଳାଇ ଥିବା ଯୋଗୁ ଏଠାରେ ଥିବା ବସ୍ ଚଳାଚଳ ହୋଇପାରି ନ ଥିଲା। ଏଥିଯୋଗୁ ବିଭାଗର କ୍ଷତି ହେଉଥିଲା। ତେଣୁ ବିଭାଗ ପକ୍ଷରୁ ଏଠାରେ ଥିବା ବସ୍‌ଗୁଡ଼ିକୁ ନେଇ ଅନ୍ୟ ଜୋନରେ ଚଳାଇବା ପାଇଁ ଯୋଜନା ହୋଇଥିଲା। ସରକାର ଏହି ଜୋନକୁ ବନ୍ଦ କରିବା ପାଇଁ ଯୋଜନା କରୁଥିବା ଭାବି କର୍ମଚାରୀମାନେ ଆନ୍ଦୋଳନ ଜାରି ରଖିଥିଲେ। ଏପରିକି ବିଭିନ୍ନ ସଙ୍ଗଠନ ମଧ୍ୟ ସେମାନଙ୍କ ଆନ୍ଦୋଳନକୁ ସମର୍ଥନ



ଖବରଦାତା ସମ୍ମିଳନୀରେ ଉପସ୍ଥିତ ଓଏସ୍ଆର୍‌ଟିସି କର୍ମକର୍ତ୍ତା।

**ଓଏସ୍ଆର୍‌ଟିସି ଆନ୍ଦୋଳନ ପ୍ରତ୍ୟାହୃତ**

ଜଣାଇଥିଲେ। ଏହି ସମୟ ମଧ୍ୟରେ ବିଭାଗ ପକ୍ଷରୁ ବସ୍‌କୁ ନେଇ ଅନ୍ୟ ଜୋନରେ ଚଳାଇବା ପାଇଁ ବାରମ୍ବାର ପୋଲିସର ସହାୟତା ନିଆଯାଇଥିଲେ ମଧ୍ୟ କର୍ମଚାରୀଙ୍କ ଆନ୍ଦୋଳନ ଯୋଗୁ ବସ ସ୍ଥାନାନ୍ତର ହୋଇପାରି ନ ଥିଲା। ଫଳରେ ବିଭାଗର ପ୍ରାୟ ୨କୋଟିରୁ ଉର୍ଦ୍ଧ୍ୱ ଟଙ୍କା କ୍ଷତି ହୋଇଥିଲା। ସୋମବାର କ୍ରିୟାନୁଷ୍ଠାନ କମିଟି, କର୍ମଚାରୀ ସଂଘର ନେତାମାନେ ଗଞ୍ଜାମ ଜିଲାପାଳଙ୍କୁ ଛତ୍ରପୁରରେ ଭେଟି ସମସ୍ୟା ଉପରେ ଆଲୋଚନା କରିଥିଲେ। ଏହାପରେ ଜିଲାପାଳଙ୍କ ଉପସ୍ଥିତିରେ ସମସ୍ୟାର ସମାଧାନ ହୋଇଛି। କର୍ମଚାରୀମାନଙ୍କ ବକେୟା ଦରମା ଏକ ମାସ ମଧ୍ୟରେ ପ୍ରଦାନ ପାଇଁ ପ୍ରଶାସନ ପକ୍ଷରୁ ବ୍ୟବସ୍ଥା କରାଯାଇଛି। ଏଥିସହ ଅନ୍ୟ ଦାବିଗୁଡ଼ିକ ପ୍ରତି ପଦକ୍ଷେପ ନିଆଯାଉଥିବା ପ୍ରତିଶ୍ରୁତି ମିଳିବା ପରେ ସ୍ଥାନୀୟ ଓଏସ୍ଆରଟିସି କାର୍ଯ୍ୟାଳୟ ସମ୍ମୁଖରେ ମଙ୍ଗଳବାର ସନ୍ଧ୍ୟାରେ ଖବରଦାତା ସମ୍ମିଳନୀରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିବା ନେଇ ସଂଘ ପକ୍ଷରୁ ଘୋଷଣା କରାଯାଇଛି। ସ୍ଥାନୀୟ ବିଧାୟକ ତଥା ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା, ଜିଲାପାଳ ବିଜୟ ଅମୃତା କୁଲାଙ୍ଗେ ଉଦ୍ୟମକ୍ରମେ କର୍ମଚାରୀଙ୍କ ଦାବି ପୂରଣ ହୋଇପାରିଛି। ତେଣୁ ସଂଘ ସେମାନଙ୍କୁ ସ୍ୱାଗତ କରାଯାଇଛି ବୋଲି କର୍ମଚାରୀ ସଂଘର ସଭାପତି ବଟକୃଷ୍ଣ ପଣ୍ଡା ଏକ ବିବୃତିରେ କହିଛନ୍ତି।

■ ନିର୍ବାଚନୀ ଖର୍ଚ୍ଚ ସମ୍ବନ୍ଧୀୟ ବୈଠକ

## ୨୨ ସୁଦ୍ଧା ଦାଖଲ ହେବ ଖର୍ଚ୍ଚ ତାଲିକା

ଛତ୍ରପୁର,୧୮।୬(ଡି.ଏନ.ଏ)

ସାଧାରଣ ନିର୍ବାଚନରେ ଗଞ୍ଜାମ ଜିଲାର ଏମ୍‌ପି ଓ ବିଧାୟକ ପ୍ରାର୍ଥୀମାନେ କରିଥିବା ଖର୍ଚ୍ଚ ସମ୍ପର୍କିତ ଏକ ବୈଠକ ମଙ୍ଗଳବାର ଛତ୍ରପୁରସ୍ଥିତ ଡିଆରଡିଏ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅତିରିକ୍ତ ଜିଲାପାଳ କବୀନ୍ଦ୍ର କୁମାର ସାହୁ ଓ ଲକ୍ଷ୍ମୀକାନ୍ତ ସେଠୀ, ନିର୍ବାଚନ ବେଳେ ଭାରତ ନିର୍ବାଚନ କମିଶନଙ୍କ ଦ୍ୱାରା ନିଯୁକ୍ତ ୫ ପର୍ଯ୍ୟବେକ୍ଷକ ଯୋଗଦେଇଥିଲେ। ନିର୍ବାଚନରେ ଲଢିଥିବା ସମସ୍ତ ପ୍ରାର୍ଥୀଙ୍କ ହିସାବ ପର୍ଯ୍ୟବେକ୍ଷକମାନେ ପଚାରି ବୁଝିଥିଲେ। ୨୨ ତାରିଖ ସୁଦ୍ଧା ସମସ୍ତ ପ୍ରାର୍ଥୀଙ୍କ ଖର୍ଚ୍ଚ ତାଲିକା ଦେବାକୁ କୁହାଯାଇଛି। ପ୍ରାର୍ଥିପତ୍ର ଦାଖଲ ଦିନଠାରୁ ଭୋଟ ଗଣତି ପର୍ଯ୍ୟନ୍ତ ପ୍ରାର୍ଥୀମାନେ କେତେ ଟଙ୍କା ଖର୍ଚ୍ଚ କରିଛନ୍ତି ତାହାର ହିସାବ ପ୍ରତ୍ୟେକ ପ୍ରାର୍ଥୀ ଦେବେ। ଯେଉଁ ପ୍ରାର୍ଥୀ ତାଙ୍କ ଖର୍ଚ୍ଚର ହିସାବ ଦେବେ ନାହିଁ ସେମାନଙ୍କୁ ପ୍ରଶାସନ ପକ୍ଷରୁ ୨୨ ତାରିଖ ପରେ ନୋଟିଶ ପଠାଯିବ। ନୋଟିଶର ଜବାବ ନ ଦେଲେ ସମ୍ପୃକ୍ତ ପ୍ରାର୍ଥୀଙ୍କ ସମ୍ବନ୍ଧରେ ଭାରତର ନିର୍ବାଚନ କମିଶନଙ୍କୁ ଜଣାଯିବ ବୋଲି କୁହାଯାଇଥିଲା। ଜିଲାରେ ଥିବା ନିର୍ବାଚନ ଖର୍ଚ୍ଚ ପର୍ଯ୍ୟବେକ୍ଷକ ଟିମ୍ ନିକଟରେ ଥିବା ଖର୍ଚ୍ଚ ହିସାବ ସହ ପ୍ରାର୍ଥିଙ୍କ ଖର୍ଚ୍ଚ ସମାନ ରହିଛି କି ନାହିଁ ତାହାର ଅନୁଧ୍ୟାନ ହୋଇଥିଲା। ସୂଚନାଯୋଗ୍ୟ, ନିର୍ବାଚନ ସମୟରେ ଜଣେ ବିଧାୟକ ପ୍ରାର୍ଥୀ ୨୮ ଲକ୍ଷ ଓ ଜଣେ ଏମ୍‌ପି ପ୍ରାର୍ଥୀ ୭୦ ଲକ୍ଷ ଟଙ୍କା ଖର୍ଚ୍ଚ କରିବା ନିୟମ ରହିଛି। ବୈଠକରେ ପର୍ଯ୍ୟବେକ୍ଷକ ଭୀମ ରତନ ରାଓ୍ୱତ, ଡଃ.ଶଙ୍କର ପ୍ରସାଦ କେ, ସତୀଶ କୁମାର, ବସନ୍ତ କୁମାର ଓ ରବୀନ୍ଦ୍ର କୁମାର ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଛତ୍ରପୁର ଉପଜିଲାପାଳ ପ୍ରିୟ ରଞ୍ଜନ ପୃଷ୍ଟି, ଜିଲା ନିର୍ବାଚନ ଅଧିକାରୀ ଡଃ ବିଜୟାନନ୍ଦ ସେଠୀଙ୍କ ସମେତ ପ୍ରାର୍ଥୀଙ୍କ ପ୍ରତିନିଧିମାନେ ଉପସ୍ଥିତ ଥିଲେ।



ପର୍ଯ୍ୟବେକ୍ଷକ ଓ ଅତିରିକ୍ତ ଜିଲାପାଳ ପ୍ରମୁଖ ଉପସ୍ଥିତ ଅଛନ୍ତି।

■ କମ୍ପାନୀ ଖସିଯାଉଛି, ବ୍ୟବସାୟୀ ପଡୁଛନ୍ତି

## ଦୋକାନରେ ଚଢ଼ାଉ, ୨୭ କେଜି ପଲିଥିନ ଜବତ

ଭଞ୍ଜନଗର,୧୮।୬(ଡି.ଏନ.ଏ)

ପଲିଥିନ ବ୍ୟବହାର ଉପରେ କଟକଣା ଲାଗିଛି। ତଥାପି ବେଧଡ଼କ ବହୁଳ ଭାବେ ଏହାର ବ୍ୟବହାର ଚାଲିଛି। ଭଞ୍ଜନଗର ସହରରେ ବହୁଳ ପଲିଥିନ ଓ ପ୍ଲାଷ୍ଟିକ୍ ବ୍ୟବହାର ହେଉଥିବାରୁ ପରିମଳ ବିପର୍ଯ୍ୟସ୍ତ ହେଉଛି। ଦୈନନ୍ଦିନ ସହରର ରାସ୍ତାକଡ଼ରେ କୁଢ଼ କୁଢ଼ ଏପରି ଆବର୍ଜନା ଦେଖିବାକୁ ମିଳୁଛି। ଏ ସମ୍ପର୍କିତ ଏକ ଖବର ସୋମବାର ଧରିତ୍ରୀରେ ପ୍ରକାଶ ପାଇଥିଲା। ପରେ ବିଭାଗୀୟ ତତ୍ପରତା ପ୍ରକାଶ ପାଇଥିଲା। ସୋମବାର ଜବରଦଖଲ ଉଚ୍ଛେଦ ପ୍ରକ୍ରିୟା ଆରମ୍ଭ ହୋଇଥିବା ବେଳେ ମଙ୍ଗଳବାର ବେଆଇନ ପଲିଥିନ ବ୍ୟବହାର ରୋକିବା ପାଇଁ ବିଭିନ୍ନ ଦୋକାନରେ ଚଢ଼ାଉ କରାଯାଇ ପ୍ରାୟ ୨୭ କେଜି ପଲିଥିନ ଜବତ ହୋଇଛି। ଏଥିସହ ଦୋକାନୀଙ୍କ ଉପରେ ଜରିମାନା ପକାଯାଇଛି। ତେବେ



ଏକ ଦୋକାନ ଉପରେ ଚଢ଼ାଉ ଚାଲିଛି।

ପ୍ରଶାସନ ପଲିଥିନ ପ୍ରସ୍ତୁତ କରୁଥିବା କମ୍ପାନୀକୁ ଛାଡି ଛୋଟ ବଡ଼ ଦୋକାନରେ ଚଢ଼ାଉ କରୁଛି। କମ୍ପାନୀରେ ଚଢ଼ାଉ କରି ପଲିଥିନ ପ୍ରସ୍ତୁତ ବନ୍ଦ କରାଗଲେ ସମସ୍ୟା ଦୂର ହୋଇପାରନ୍ତା ବୋଲି ମତପ୍ରକାଶ ପାଉଛି।

ସୂଚନାଯୋଗ୍ୟ, ୫୦ ମାଇକ୍ରନରୁ କମ୍ ପଲିଥିନ ବ୍ୟବହାର ଉପରେ ସୁପ୍ରିମକୋର୍ଟ ପ୍ରତିବନ୍ଧକ ଲଗାଇଛନ୍ତି। ଏ ନେଇ ପଦକ୍ଷେପ ନେବାପାଇଁ ଗତବର୍ଷ ସୁପିମକୋର୍ଟଙ୍କ ପକ୍ଷରୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଆସିଥିଲା। ଏହିକ୍ରମରେ ଗତବର୍ଷ ପଲିଥିନ ବ୍ୟବହାର ଉପରେ ଭଞ୍ଜନଗର ଏନଏସି ପକ୍ଷରୁ କଟକଣା ଜୋରଦାର କରାଯାଇଥିଲା। ତେଣୁ ପଲିଥିନ ଓ ପ୍ଲାଷ୍ଟିକ୍ ବ୍ୟବହାର ବହୁତ କମିଯାଇଥିଲା। ଲୋକେ କାଗଜ ଠୁଙ୍ଗା ବ୍ୟବହାର ଆରମ୍ଭ କରିଥିଲେ। କେତକ ସ୍ଥାନରେ କପଡ଼ା ବ୍ୟାଗ୍ ବ୍ୟବହାର ଆରମ୍ଭ ହୋଇଥିଲା। ପରେ ଏନଏସି ପ୍ରଶାସନ ପକ୍ଷରୁ ଚଢ଼ାଉ ଧିମା ହୋଇଯିବାରୁ ପୁଣି ବେନିୟମ ପଲିଥିନ ବ୍ୟବହାର ବଢ଼ିଯାଇଥିଲା। ଏ ନେଇ ଖବର ପ୍ରକାଶ ପାଇବା ପରେ ପ୍ରଶାସନ ପୁଣି ଚଢ଼ାଉ ହୋଇଛି। ଚଢ଼ାଉ ସମୟରେ ନିର୍ବାହୀ ଅଧିକାରୀ ଭଜରାମ ବିଶ୍ୱାଳ, ଯନ୍ତ୍ରୀ ସୁଶାନ୍ତ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

### ଦଳୀୟ କର୍ମୀଙ୍କୁ ନେଇ ବିଧାୟିକାଙ୍କ ସମୀକ୍ଷା

ପୁରୁଷୋତ୍ତମପୁର, ୧୮।୬(ଡି.ଏନ୍.ଏ.)

ପୁରୁଷୋତ୍ତମପୁର ବ୍ଲକର ୧୫ ପଞ୍ଚାୟତର ବିଜୁ ଜନତା ଦଳ କର୍ମୀଙ୍କୁନେଇ ମଙ୍ଗଳବାର ପୁରୁଷୋତ୍ତମପୁର ଡାକବଙ୍ଗଳା ପରିସରରେ ଖଲ୍ଲିକୋଟ ବିଧାୟିକା ସୂର୍ଯ୍ୟମଣି ବୈଦ୍ୟ ବିଭିନ୍ନ ପଞ୍ଚାୟତରେ ଚାଲିଥିବା ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ଏହାସହ ଗାଁ ଗହଳିରେ ବସବାସ କରୁଥିବା ସମସ୍ତ ଜନସାଧାରଣଙ୍କ ସମସ୍ୟା ପ୍ରତି ଗୁରୁତ୍ୱ ଦେଇ ସମାଧାନ ଲାଗି କର୍ମୀମାନଙ୍କୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ନବନିର୍ବାଚିତ ବିଧାୟିକାଙ୍କୁ ଦଳୀୟ କର୍ମୀମାନେ ସ୍ୱାଗତ ସମ୍ବର୍ଦ୍ଧନା ଦେଇଥିଲେ। ଏଥିରେ ପୂର୍ବତନ ବ୍ଲକ ଅଧ୍ୟକ୍ଷ ବାଉରି ପଣ୍ଡା, ବ୍ଲକ ବିଜେଡି ସଭାପତି ଦିଗାମ୍ବର ପାଣିଗ୍ରାହୀ, ସୀତାରାମ ପାଣିଗ୍ରାହୀ, ବ୍ଲକ ଅଧ୍ୟକ୍ଷ ସୂର୍ଯ୍ୟ ନାରାୟଣ ପଣ୍ଡା, ଜିଲା ବିଜେଡି ଉପ ସଭାପତି ଗୌରୀଶଙ୍କର ରାଉଳ, ଶୁଭ୍ରାଂଶୁ ଶେଖର ସାବତ, ଶ୍ୟାମ ସୁନ୍ଦର ଦାଶଙ୍କ ସମେତ ବିଭିନ୍ନ ପଞ୍ଚାୟତରୁ ବହୁ ଦଳୀୟ କର୍ମୀ ଯୋଗ ଦେଇଥିଲେ।

## ବିଦ୍ୟାଳୟ ଛୁଟି ଅବଧି ବୃଦ୍ଧି ପରେ ଚିନ୍ତାରେ ଶିକ୍ଷକ

ଦାରିଙ୍ଗବାଡ଼ି,୧୮।୬(ଡି.ଏନ.ଏ)

ଗ୍ରୀଷ୍ମପ୍ରବାହକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ବିଦ୍ୟାଳୟ ଛୁଟି ଅବଧି ବୃଦ୍ଧି କରିଛନ୍ତି। ୧୯ ତାରିଖରେ ବିଦ୍ୟାଳୟ ଖୋଲାଯିବାକୁ ଥିଲା, ମାତ୍ର ୨୫ ତାରିଖ ପର୍ଯ୍ୟନ୍ତ ଛୁଟି ଘୁଞ୍ଚାଇ ଦିଆଯାଇଛି। ଏନେଇ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଚିନ୍ତା ବଢିଯାଇଛି। ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ଫଳ ଖରାପ ହୋଇଥିବାବେଳେ ସଠିକ ସମୟରେ ପାଠ୍ୟକ୍ରମ ଶେଷ ହୋଇ ପାରିବ କି ନାହିଁ ସେ ନେଇ ଚିନ୍ତାରେ ବୁଧବାର ଖୋଲିବାକୁ ଥିବାରୁ ସମସ୍ତ ବିଦ୍ୟାଳୟରେ ମଙ୍ଗଳବାର ସଫେଇ କରାଯାଇଥିଲା। ଦାରିଙ୍ଗବାଡ଼ି ବିଇଓ ବ୍ରହ୍ମାନନ୍ଦ ରାଉତ, ବିଆରସିସି ସୁବାସିନୀ ଦିଗାଳ ମଙ୍ଗଳବାର ବିଭିନ୍ନ ବିଦ୍ୟାଳୟ ଗସ୍ତ କରିଥିଲେ। ଛୁଟିରେ ଯାଇଥିବା ଜିଲା ବାହରର ଶିକ୍ଷକ ନିଜ ନିଜ ବିଦ୍ୟାଳୟକୁ ଫେରିଆସିଥିଲେ। ବିଳମ୍ବରେ ଛୁଟି ଅବଧି ବଢା ଯାଇଥିବା ଗଣମାଧ୍ୟମରେ ଖବର ପ୍ରକାଶ ପରେ ଦାରିଙ୍ଗବାଡ଼ି ବ୍ଲକର ଅନେକ ଦୁର୍ଗମ ଅଞ୍ଚଳରେ ଏହି ଖବର ପହଞ୍ଚି ପାରିନାହିଁ।



ବିଦ୍ୟାଳୟ ପରିଦର୍ଶନରେ ବିଆରସିସି ସୁବାସିନୀ ଦିଗାଳ ଯାଇଛନ୍ତି।

## ରାଜନୈତିକ ଆକ୍ରୋଶରୁ ବନ୍ଦ ହେଲା ରାସ୍ତା କାମ

ହାତୀଓଟ,୧୮।୬

ପୋଲସରା ବ୍ଲକରେ ଏବେ ବି କେତକ ଗ୍ରାମ ଅଛି, ଯେଉଁଠିକୁ ରାସ୍ତା ନାହିଁ। ଏଭଳି ଏକ ଗ୍ରାମ ହେଉଛି ନିମିନା ପଞ୍ଚାୟତର ତାଳବୋରେଇ ଆଦିବାସୀପଡା। ଏ ଯାଏ ଗାଁକୁ ରାସ୍ତାଟିଏ ନ ଥିବାରୁ ଜରୁରି ସମୟରେ ଆମ୍ବୁଲାନ୍ସ ପହଞ୍ଚି ପାରୁନାହିଁ। ଫଳରେ ବେଳେ ବେଳେ ଗୁରୁତର ରୋଗୀ ଏପରକି ଗର୍ଭବତୀ, ପ୍ରସୂତି ମଧ୍ୟ ଠିକ ସମୟରେ ଡାକ୍ତରଖାନାରେ ପହଞ୍ଚି ପାରୁ ନ ଥିବାରୁ ଅକାଳରେ ମୃତ୍ୟୁମୁଖରେ ପଡୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏହି ଅସୁବିଧାକୁ ହୃଦୟଙ୍ଗମ କରି ୨୦୧୮-୧୯ ଆର୍ଥିକ ବର୍ଷରେ ସରପଞ୍ଚ ହରପ୍ରିୟା ସାହୁ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ରାସ୍ତା ନିର୍ମାଣ ଆରମ୍ଭ କରିଥିଲେ। ବିଲେଇଝୁରି ଗ୍ରାମ ଗଙ୍ଗାସାଗରଠାରୁ ତାଳବୋରେଇ ଗ୍ରାମକୁ ୫ଲକ୍ଷ ଟଙ୍କା ବ୍ୟୟରେ ଏହି ରାସ୍ତା କାମ ସାଧାରଣ ନିର୍ବାଚନର ବହୁ ପୂର୍ବରୁ ଆରମ୍ଭ ହୋଇଥିଲା। ନିର୍ବାଚନ ଫଳାଫଳ ଆସିବା ପରେ ଉକ୍ତ ରାସ୍ତା କାର୍ଯ୍ୟ ବନ୍ଦ ହୋଇଯାଇଛି। ପଞ୍ଚାୟତର ଜଣେ ବ୍ୟକ୍ତି ତାଙ୍କ ଜମି ଦେଇ ଉକ୍ତ ରାସ୍ତା ନିର୍ମାଣ କରାଯାଉଥିବା ପୋଲସରା ବିଡିଓଙ୍କ ନିକଟରେ ଅଭିଯୋଗ କରିବାରୁ କାମ ବନ୍ଦ ହୋଇଛି। ରାଜନୈତିକ ଆକ୍ରୋଶରୁ ବ୍ୟକ୍ତି ଜଣକ ଏପରି କରିଛନ୍ତି ବୋଲି ତାଳବୋରେଇ ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଗ୍ରାମବାସୀଙ୍କ ସମେତ ପଞ୍ଚାୟତର ସଚେତନ ନାଗରିକମାନେ ସରପଞ୍ଚଙ୍କ ସହ ବ୍ଲକ କାର୍ଯ୍ୟାଳୟକୁ ଆସି ତୁରନ୍ତ ରାସ୍ତା ନିର୍ମାଣ କାର୍ଯ୍ୟ ଆରମ୍ଭ କରିବାକୁ ଦାବିପତ୍ର ପ୍ରଦାନ କରିଛନ୍ତି। ରାସ୍ତା କାର୍ଯ୍ୟ ଆରମ୍ଭ ପୂର୍ବରୁ ସମ୍ପୃକ୍ତ ବ୍ୟକ୍ତି ଜଣକ ଏହି ଅଭିଯୋଗ କରିଥିଲେ ଅନ୍ତତଃ ଗ୍ରାମବାସୀ ଉକ୍ତ ଜାଗାକୁ ଦେଖି ଯାହା ବ୍ୟବସ୍ଥା କରିଥାନ୍ତେ। ଏବେ କାର୍ଯ୍ୟ ବନ୍ଦ ହୋଇଥିବାରୁ ତୁରନ୍ତ ଆରମ୍ଭ କରିବାକୁ ଦାବି ହେଉଛି। ଏ ନେଇ ସରପଞ୍ଚ କହିଛନ୍ତି, ଅଭିଯୋଗକାରୀ ମନ୍ଦ ଉଦ୍ଦେଶ୍ୟ ରଖି କାମ ବନ୍ଦ କରିଛନ୍ତି। ସେହିପରି ସରପଞ୍ଚଙ୍କ ପ୍ରତିନିଧି ଲଡୁକିଶୋର ସାହୁ କହିଛନ୍ତି, ଅଭିଯୋଗକାରୀଙ୍କ ଜମି ସହ ନିର୍ମାଣ ହେଉଥିବା ରାସ୍ତାର କୌଣସି ସମ୍ପର୍କ ନାହିଁ।

### ଧନନ୍ତରରେ ରକ୍ତଦାନ ଶିବିର

ଶେରଗଡ,୧୮।୬(ଡି.ଏନ.ଏ.)

ଶେରଗଡ଼ ବ୍ଲକ ଧନନ୍ତରସ୍ଥିତ ନାଥେଶ୍ୱର ଉଚ୍ଚ ବିଦ୍ୟାଳୟରେ ଏକ ରକ୍ତଦାନ ଶିବିର ମଙ୍ଗଳବାର ଅପରାହ୍ନରେ ଅନୁଷ୍ଠିତ ହୋଇଥିଲା। ଉକ୍ତ ଶିବିରକୁ ବ୍ଲକ ଅଧ୍ୟକ୍ଷା ସାରସ ସ୍ୱାଇଁ ଶୁଭାରମ୍ଭ କରିଥିଲେ। ଅତିଥି ଭାବେ ବିଡ଼ିଓ ସୁରଞ୍ଜନ କୁମାର ସାହୁ, ତହସିଲଦାର ଡ. ଦୟାସିନ୍ଧୁ ପରିଡା, ଶେରଗଡ଼ ଥାନା ଅଧିକାରୀ ରମେଶ ଚନ୍ଦ୍ର ଦାସ, ଉପାଧ୍ୟକ୍ଷ ବିଶ୍ୱନାଥ ସ୍ୱାଇଁ, ଜିଲା ପରିଷଦ ସଭ୍ୟ ପ୍ରମୋଦ କୁମାର ସାହୁ, ପ୍ରମୋଦ କୁମାର ପାତ୍ର, ଧନନ୍ତର ସରପଞ୍ଚ ଓ ସମିତି ସଭ୍ୟ, ଯୁବ ବିଜେଡି ସଭାପତି ସନ୍ତୋଷ କୁମାର ପଟ୍ଟନାୟକ, ବ୍ଲକ ବିଜେଡି ସଭାପତି ଶରତ ଚନ୍ଦ୍ର ପାତ୍ର, କାଳିଆ ଜେନା, ବିଜୁ ଯୁବ ବାହିନୀ ସଂଯୋଜକ ଆଲୋକ କୁମାର ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ବ୍ରହ୍ମପୁର ରକ୍ତ ଭଣ୍ଡାର କର୍ମଚାରୀମାନେ ରକ୍ତ ସଂଗ୍ରହରେ ସହଯୋଗ କରିଥିଲେ।

## ସୁରକ୍ଷା ପାଇଁ ବ୍ରହ୍ମପୁର ଏସ୍‌ପିଙ୍କୁ ସ୍ମାରକପତ୍ର

କୁକୁଡ଼ାଖଣ୍ଡି,୧୮।୬(ଡି.ଏନ.ଏ.)

କୁକୁଡ଼ାଖଣ୍ଡି ବ୍ଲକର ସମସ୍ତ ଗ୍ରାମପଞ୍ଚାୟତର ସରପଞ୍ଚ, ସମିତିସଭ୍ୟା/ସଭ୍ୟ, ଜିଲା ପରିଷଦ, ବ୍ଲକ ଅଧ୍ୟକ୍ଷ, ଉପାଧ୍ୟକ୍ଷ ଏବଂ ବହୁ ଜନସାଧାରଣ ମଙ୍ଗଳବାର ବ୍ରହ୍ମପୁର ଏସ୍‌ପିଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଏକ ଲିଖିତ ସ୍ମାରକପତ୍ର ଏସ୍‌ପି ବ୍ରିଜେଶ କୁମାର ରଏଙ୍କୁ ପ୍ରଦାନ କରିଛନ୍ତି। ଏଥିରେ ଗତ ୧୪ ତାରିଖ ରାତିରେ ବନ୍ଥପଲ୍ଲୀ ସରପଞ୍ଚ ପ୍ରଶାନ୍ତ କୁମାର ସ୍ୱାଇଁଙ୍କୁ ମରଣାନ୍ତକ ଆକ୍ରମଣ ହୋଇଛି। ହେଲେ ଯେଉଁ ଅସାମାଜିକ ଯୁବକମାନେ ଏହି ଆକ୍ରମଣ କରିଥିଲେ ସେମାନଙ୍କ ମଧ୍ୟରୁ ଜଣେ ଯୁବକ ଶ୍ୟାମ ସୁନ୍ଦର ଗୌଡ଼ଙ୍କ ହାତରେ ବୋମା ଫୁଟିଯିବାରୁ ଘଟଣାସ୍ଥଳରେ ସେ ଗୁରୁତର ହୋଇପଡିଥିଲେ। ଅନ୍ୟ ଯୁବକମାନେ ସେଠାରୁ ଚମ୍ପଟ ମାରିଥିଲେ। ଶ୍ୟାମସୁନ୍ଦର ଗୌଡ଼ ଓରଫ ଚେରୁ ବର୍ତ୍ତମାନ ବ୍ରହ୍ମପୁର ବଡ଼ ମେଡିକାଲରେ ଚିକିତ୍ସାଧୀନ। ଜନ ପ୍ରତିନିଧିମାନଙ୍କ ଉପରେ ବାରମ୍ବାର ଏପରି ଆକ୍ରମଣ ହେଉଥିବାରୁ ଆମେ ନିଜକୁ ଅସୁରକ୍ଷିତ ମନେ କରୁଛୁ। ଅସାମାଜିକ କାର୍ଯ୍ୟରେ ଲିପ୍ତ ଯୁବକଙ୍କୁ ତୁରନ୍ତ ଗିରଫ କରିବା ପାଇଁ ଜନପ୍ରତିନିଧି ଓ ଲୋକେ ଦାବି କରିଛନ୍ତି। ଏଥିସହ ଅନନ୍ତେଇ, ମହୁଡ଼ା ଏବଂ ବନ୍ଥପଲ୍ଲୀ ପଞ୍ଚାୟତଅଞ୍ଚଳରୁ ଦିଗପହଣ୍ଡି ଥାନା ୩୦ କିଲୋମିଟର ଦୂର ହୋଇଥିବାରୁ ଏହି ଅଞ୍ଚଳରେ ଏକ ଆଉଟପୋଷ୍ଟ ଖୋଲିବା ସହ ଦୁର୍ବୃତ୍ତମାନଙ୍କୁ ଧରିବା ପାଇଁ ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ଗଠନ କରିବାକୁ ଦାବିପତ୍ରରେ ଉଲ୍ଲେଖ ରହିଛି। ଜନ ପ୍ରତିନିଧିମାନଙ୍କ ସୁରକ୍ଷା ପାଇଁ ପଦକ୍ଷେପ ନିଆଯାଉ ବୋଲି ବ୍ରହ୍ମପୁର ଏସ୍‌ପିଙ୍କୁ ଅନୁରୋଧ କରିଛନ୍ତି।



ବ୍ରହ୍ମପୁର ଏସ୍‌ପିଙ୍କ କାର୍ଯ୍ୟାଳୟରେ କୁକୁଡ଼ାଖଣ୍ଡି ବ୍ଲକର ଜନ ପ୍ରତିନିଧିମାନେ।

## ଜଳବାୟୁ ପରିବର୍ତ୍ତନ, କୃଷି ସଙ୍କଟ ଉପରେ ବୈଠକ

ଫୁଲବାଣୀ ଅଫିସ, ୧୮।୬

ଫୁଲବାଣୀସ୍ଥିତ ମୃତ୍ତିକା ସଂରକ୍ଷଣ ସଭାଗୃହରେ କ୍ଷୁଦ୍ର ଚାଷୀଙ୍କୁ ପ୍ରଭାବିତ କରୁଥିବା ଜଳବାୟୁ ପରିବର୍ତ୍ତନ ଓ କୃଷି ସଂକଟ ଉପରେ ଜିଲାସ୍ତରୀୟ ଗୋଲ ଟେବୁଲ୍ ବୈଠକ ଦୁଇ ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଫୁଲବାଣୀ ସ୍ୱେଚ୍ଛାସେବୀ ମହାସଂଘ ସହଯୋଗରେ ଅନୁଷ୍ଠିତ ଏହି ବୈଠକରେ ବିଭିନ୍ନ ଏନ୍‌ଜିଓର କର୍ମକର୍ତ୍ତା, ସହରର ବୁଦ୍ଧିଜୀବୀ, ଚାଷୀମାନେ ଯୋଗଦେଇ ବର୍ତ୍ତମାନ ସ୍ଥିତିରେ ଚାଷୀଙ୍କୁ କେଉଁ ସମସ୍ୟା ଦେଇ ଗତି କରିବାକୁ ପଡୁଛି ତା'ଉପରେ ଆଲୋଚନା କରିଥିଲେ। ଏଥିସହ କ'ଣ କଲେ ଚାଷୀଙ୍କ ସମସ୍ୟାର ସମାଧାନ ହୋଇ ପାରିବ ସେ ନେଇ ନିଜର ମତ ଉପସ୍ଥାପନ କରିଥିଲେ। ଜିଲାର ବିଭିନ୍ନ ଉପାନ୍ତ ଅଞ୍ଚଳରୁ ଚାଷୀମାନେ ଆସି ନିଜ ସମସ୍ୟା ଉପସ୍ଥାପନ



ବୈଠକରେ ଉପସ୍ଥିତ ଅତିଥି।

କରିଥିଲେ। ଜଳବାୟୁ ପରିବର୍ତ୍ତନ ଖାଲି ନୁହେଁ, ଅଧିକାଂଶ କ୍ଷେତ୍ରରେ ଜମିର ସମତଳକରଣ, ମୃତ୍ତିକା କ୍ଷୟ, ବିହନ ସମସ୍ୟା, ରୋଗପୋକ ନିୟନ୍ତ୍ରଣ, ଉତ୍ପାଦିତ ସାମଗ୍ରୀର ସଂରକ୍ଷଣ ଓ ବଜାର ବ୍ୟବସ୍ଥା ଚାଷୀଙ୍କ ଜୀବନ ଜୀବିକାକୁ ପ୍ରଭାବିତ କରୁଛି। ସବୁ ସମସ୍ୟାର ସମାଧାନ କିପରି ହେବ। ଚାଷୀମାନେ କିପରି ଭଲ କରିବେ ତାହା ଉପରେ ଅଧିକାଂଶ ବକ୍ତା ମତ ରଖିଥିଲେ। ଏହି କାର୍ଯ୍ୟକ୍ରମରେ ପରିବେଶବିତ୍ ପ୍ରଫେସର ରାଧାମୋହନ, ପୂର୍ବତନ ଜିଲାପାଳ ଅରବିନ୍ଦ ବେହେରା, କୃଷି ବିଜ୍ଞାନୀ ସାବରମତି, କୃଷି ଉପ ନିର୍ଦ୍ଦେଶକ ପ୍ରଦୀପ କୁମାର ରଥ, ଓୟୁଏଟି ବୈଜ୍ଞାନିକ ଡ. ଦେବାଶିଷ ମିଶ୍ର, ଜଳଛାୟା ମିଶନ ପ୍ରକଳ୍ପ ନିର୍ଦ୍ଦେଶକ ଶୈଳେନ୍ଦ୍ର କୁମାର ନାୟକ, କସମ ସମ୍ପାଦକ ସଞ୍ଜିତ କୁମାର ପଟ୍ଟନାୟକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ରହି ସେମାନଙ୍କ ମନ୍ତବ୍ୟ ରଖିଥିଲେ। ପିଏଜି (ଫୁଲବାଣୀ ଆକ୍ସନ ଗ୍ରୁପ) ଆବାହକ ଅଶୋକ ପରିଡା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

